# ନିୟମଗିରି ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ

**ସରକାରୀ ସୁବିଧା ସମ୍ପର୍କରେ ଡଙ୍ଗରିଆ କନ୍ଧଙ୍କ ସହ ଆଲୋଚନା**

କଲ୍ୟାଣସିଂହପୁର,୧୩।୪ (ଦୀପକ କୁମାର ପରିଡା)

ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୋମବାର କଲ୍ୟାଣସିଂହପୁର ବ୍ଲକ୍ ପାର୍ସଲି ପଞ୍ଚାୟତର ନିୟମଗିରି ପାହାଡ଼ରେ ଥିବା ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିୟମଗିରି ପାହାଡ଼ର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ସୁବିଧା ଅସୁବିଧା ଉପରେ ବୁଝିବା ସହ ସମସ୍ତ ସରକାରୀ ଯୋଜନା ମିଳୁଛି ନା ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲାପାଳ କୁଲକର୍ଣ୍ଣି ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ନିୟମଗିରି ଅଞ୍ଚଳରେ ପହଞ୍ଚି ଥିଲେ। ପ୍ରଥମେ ସେ ପାର୍ସଲି ପଞ୍ଚାୟତରେ ନୂଆ କରି ନିର୍ମାଣ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ନିୟମଗିରି ପାହାଡ ଚଢ଼ି ପାର୍ସଲି ପଞ୍ଚାୟତକୁ ଯାଉଛନ୍ତି ।

ପରିଦର୍ଶନ କରିଥିଲେ । କାମର ଅଗ୍ରଗତି ଦେଖିବା ସହ ଅବ୍ୟବସ୍ଥା ଦେଖି କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଫାଙ୍କେରି ଗାଁକୁ ଯାଇ ଜନମନ ଯୋଜନାରେ ଚାଲୁଥିବା ଆବାସ ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ଅଙ୍ଗନୱାଡି, ମାତୃ ଶିଶୁ ପୋଷଣ କେନ୍ଦ୍ରରେ କିଛି ପିଲାଙ୍କୁ ପୋଷାକ ଓ ଚପଲ ବଣ୍ଟନ କରିଥିଲେ। ନିୟମଗିରି ଅଞ୍ଚଳରେ ସମସ୍ତ ଗାଁକୁ କିପରି ପକ୍କା ରାସ୍ତା, ବିଜୁଳି ଓ ମୋବାଇଲ ନେଟ୍‌ୱର୍କ ସୁବିଧା ପହଞ୍ଚିପାରିବ ସେ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲାପାଳଙ୍କ ସହ ଉପ ଜିଲାପାଳ ରମେଶ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସ, ଡଙ୍ଗରିଆ କନ୍ଧ ଉନ୍ନୟନ ଅଧିକାରୀ ସୁରଜ କୁମାର ନାୟକ, ପଞ୍ଚାୟତ ନିର୍ବାହ ଅଧିକାରୀ ହରି ମହାନନ୍ଦିୟାଙ୍କ ସହ କଲ୍ୟାଣସିଂହପୁର ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଆମ୍ବଗଛରୁ ପଡ଼ି ଯୁବକ ଗୁରୁତର

କଲ୍ୟାଣସିଂହପୁର,୧୩।୪ (ଦୀପକ କୁମାର ପରିଡା )

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଆମ୍ବ ଗଛରୁ ପଡ଼ି ସୋମବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ କାମ କାଡ୍ରାକା। ସ୍ଥାନୀୟ ଲୋକ ଏବଂ ସେଇ ରାସ୍ତା ଦେଇ ଆସୁଥିବା ଆଇଟିଡିଏ ଅଧିକାରୀ ପ୍ରଶାନ୍ତ କୁମାର ବାଉରୀ ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ଅଧିକାରୀ ସୁରଜ କୁମାର ନାୟକ ତାଙ୍କୁ ଉଦ୍ଧାର କରି ନିଜ ଗାଡିରେ ଆଣି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଆଶିଷ ରଞ୍ଜନ ମେହେର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରତର ଥିବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

### ବୃଦ୍ଧଙ୍କ ମୃତଦେହ ଜବତ, ଅଂଶୁଘାତ ସନ୍ଦେହ

ଗୁଣପୁର, ୧୩।୪ (ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ତାମିଲିଗୁଡା ନିକଟରୁ ସୋମବାର ମଧ୍ୟାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଜଗନ୍ନାଥପୁର ଗ୍ରାମ ସୌରା ସାହିର କୁଲକା ରାମୁଲୁ (୬୫)। ଅଞ୍ଚଳରେ ପ୍ରବଳ ଖରା ହେଉଥିବାରୁ ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାମିଲିଗୁଡା ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଯୁବକମାନେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଗୁଣୁପୁର ଥାନା ଏସ୍‌ଆଇ ରଞ୍ଜିତ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପରିବାର ଲୋକଙ୍କ କହିବା ଅନୁଯାୟୀ, କୌଣସି କାମ ସକାଶେ କୁଲକା ନିଜ ଜମିକୁ ଯାଇଥିଲେ। ସେ ଡାଇବେଟିସ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ପ୍ରବଳ ଖରା ପ୍ରଭାବରେ ଅଂଶୁଘାତରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

### ୨ ଅହିରାଜ ସାପ ଉଦ୍ଧାର

ପାତ୍ରପୁର, ୧୩।୪ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ଜରଡ଼ା ଖଣ୍ଡିଆସାହିସ୍ଥିତ ଘରବାରିରୁ ରବିବାର ମଧ୍ୟରାତ୍ରରେ ଏକ ଅହିରାଜ ସାପ ରହିଥିବା ଲୋକଙ୍କ ନଜରକୁ ଆସିଥିଲା। ସାପକୁ ଉଦ୍ଧାର ପାଇଁ ଚିକିଟି ସ୍ନେକ ହେଲ୍ପ ଲାଇନକୁ ଗ୍ରାମବାସୀ ଖବର ଦେଇଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ଟିମ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ପହଞ୍ଚି ୧୩ ଫୁଟ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। ସେହିପରି ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ କୃଷ୍ଣଚରଣ ପୁରଠାରେ ମଧ ୧୦ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର ହୋଇଛି। ଜଙ୍ଗଲରେ ନିଆଁ ଲାଗୁଥିବା ହେତୁ ଅହିରାଜ ସାପ ସହ ଅନେକ ଜଙ୍ଗଲ ଜନ୍ତୁ ଗ୍ରାମାଭିମୁଖି ହେଉଥିବା ଦେଖିବାକୁ ମିଳୁଛି।

# ଶୌର୍ଯ୍ୟ ଜାଗରଣ ଯାତ୍ରା

ରାୟଗଡ଼ା,୧୩।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବଜରଙ୍ଗ ଦଳ ପକ୍ଷରୁ ରବିବାର ଶୌର୍ଯ୍ୟ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଭୁ ଶ୍ରୀରାମଙ୍କ ରଥ ସହିତ ପଦଯାତ୍ରା ଓ ବାଇକ ରାଲି ଆୟୋଜନ ହୋଇଥିଲା। ରଥ ଯାତ୍ରା ଜଗନ୍ନାଥ ମନ୍ଦିର ଛକଠାରୁ ଆରମ୍ଭ ହୋଇ ମୁଖ୍ୟ ବଜାର, ଫ୍ଲାଏଓଭର, କାଳୀ ମନ୍ଦିର ହୋଇ ଇନ୍ଦିରାନଗର ସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶେଷ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଏହି ଯାତ୍ରାରେ ଶତାଧିକ ହିନ୍ଦୁ ପ୍ରେମୀ ଓ ବଜରଙ୍ଗୀମାନେ ଯୋଗଦାନ କରିଥିଲେ।

ଜିଲାର ବିଭିନ୍ନ ସହର ଓ ଗ୍ରାମରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟାବୃଦ୍ଧି ପାଉଥିବାରୁ ବଜରଙ୍ଗ ଦଳ ତରଫରୁ ଅସନ୍ତୋଷପ୍ରକାଶ ପାଇଥିଲା। ଜିଲାରେ ୧୨ ହଜାରରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଅନୁପ୍ରବେଶକାରୀ ବିଭିନ୍ନ ବ୍ୟବସାୟ ଆଳରେ ଆଦିବାସୀ ଲୋକଙ୍କ ପାଖରୁ ଠକେଇ କରିବା ଓ ଉଦ୍ଦେଶ୍ୟମୂଳକ ଭାବରେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଛୁଆ ଜନ୍ମ କରି ଚାଲାଣ କରିବା, ଘରେ ପଶି ଚୋରି କରିବା ଘଟଣାକୁ ନିନ୍ଦା କରାଯାଇଛି। ସେହିପରି ସହରରେ ଗୋଚାଲାଣ, ଗୋହତ୍ୟା ସହ ଗୋ ମାଂସ ବିକ୍ରିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ବିଷୟ ସାଧାରଣ ଲୋକ ଓ ପ୍ରଶାସନ ଦୃଷ୍ଟି ଆକର୍ଷଣ ପାଇଁ ଶୋଭାଯାତ୍ରା କରାଯାଇଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ଡ଼ା. ବାବୁରାଓ ମହାନ୍ତି, ଜିଲା ଉପସଭାପତି ଆନନ୍ଦ ରାଓ, ଜିଲା ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ବ୍ରହ୍ମା, ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଧୁରୀ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଶକ୍ତି ଧରଣ, ଜିଲା ସଂଯୋଜକ ଶସ୍ୟ ଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ସହ ସଂଯୋଜକ ବି. ରାଜେଶଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୌର୍ଯ୍ୟ ଜାଗରଣ ଯାତ୍ରା।

# ୩୪ ଅଭିଯୋଗ ପଞ୍ଜୀକୃତ

କଲ୍ୟାଣସିଂହପୁର, ୧୩।୪ (ଦୀପକ କୁମାର ପରିଡା )

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସଦ୍‌ଭାବନା ଗୃହଠାରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଶିବିରରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଘୋଷନାଲ ବାର୍ଲା, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ସିଡିଏମଓ ଡାକ୍ତର ଭି. ସରୋଜିନୀ ଦେବୀ, ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୨୧ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀ ଭିତ୍ତିକ ଅଭିଯୋଗ ରହିଥିଲା। ପାନୀୟ ଜଳ, ରାସ୍ତା, ଜଗନ୍ନାଥ କଲୋନୀରେ ବିଦ୍ୟୁତ୍ ଖୁଣ୍ଟ ସମସ୍ୟା ଆଦିର ସମାଧାନ ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ୧୭ଜଣ ମହିଳା ଓ ପୁରୁଷଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ମନୀଷା ଦାସ, ତହସିଲଦାର ମାନସ ରଞ୍ଜନ ମାନସେଠ, ସହକାରୀ ଯନ୍ତ୍ରୀ ସମୀର କୁମାର ରଥଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସମିତି କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଓଡ଼ିଆ ପକ୍ଷ–୨୦୨୬ ପାଳନ ଅବସରରେ 'ଆମରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ୯ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଣ୍ଡିଆ ଆଧାରିତ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଅତିଥିମାନେ ଏହାକୁ ପରିଦର୍ଶନ କରି ମାଣ୍ଡିଆ ପିଠାର ସ୍ୱାଦ ନେଇଥିଲେ।


ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# କୋଡିଙ୍ଗାମାଳି ଜନଶୁଣାଣିକୁ ବିରୋଧ

ଟିକିରି,୧୩।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କୋଡିଙ୍ଗାମାଳିରେ ବକ୍ସାଇଟ୍ ଖନନକୁ ନେଇ ଆସନ୍ତା ମାସରେ ରାୟଗଡାଠାରେ ଜନଶୁଣାଣି ଅନୁଷ୍ଠିତ ହେବ। କାଶୀପୁର ବ୍ଲକର ପୋଡ଼ାପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ରବିବାର ଏକ ବୈଠକ କରି ପ୍ରସ୍ତାବିତ ଜନଶୁଣାଣିକୁ ବିରୋଧ କରିଥିଲେ। ବୈଠକରେ ଆଞ୍ଚଳିକ ବିକାଶ ପରିଷଦ, ଆଦିବାସୀ ସମାଜ ଓ ମହିଳା ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ। ଖଣି ଖନନ ଦ୍ୱାରା ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହେବାସହ ସ୍ଥାନୀୟ ଲୋକଙ୍କ ହିତକୁ ଅବହେଳା କରାଯାଉଛି ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଥିଲେ। ଏହା ସହିତ ଖନନ ବୃଦ୍ଧି ଫଳରେ ପରିବେଶ ଦୂଷଣ, ପାଣି ସମସ୍ୟା, ଚାଷ ଜମିର କ୍ଷତି ଓ ବିସ୍ଥାପନ ଭଳି ଗୁରୁତର ସମସ୍ୟା ସୃଷ୍ଟି ହେବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା। ବୈଠକରେ ଅଞ୍ଚଳ ବିକାଶ ପରିଷଦ ସଭାପତି ଡଉଲ ରତ୍ନ ଚୌଧୁରୀ, ଉପଦେଷ୍ଟା ରାଜେନ୍ଦ୍ର ଦୁରିଆ, ବିସ୍ଥାପିତ ପରିବାର କମିଟି ସମ୍ପାଦକ ବିଦ୍ୟାରତ୍ନ ଚୌଧୁରୀ, ଆଦିବାସୀ ସମାଜର ବରିଷ୍ଠ ବ୍ୟକ୍ତି କଂସାରୀ ଯାନୀ, ପୂର୍ବତନ ସରପଞ୍ଚ ଅର୍ଜି ମାଝୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନୀଳକଣ୍ଠ ଝୋଡ଼ିଆ ଓ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହିଥିଲେ। ଅଞ୍ଚଳବାସୀଙ୍କ ଅଧିକାର ରକ୍ଷା ପାଇଁ ସମସ୍ତେ ଏକାଠି ରହିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପୋଡ଼ାପାଡ଼ି, କାଡାପଦର, କଂସାରୀଗୁଡା, ଫୁଲଯୋବା, ପୁହୁଣ୍ଡି ସହିତ ଅନେକ ଗ୍ରାମର ପୁରୁଷ ଓ ମହିଳାମାନେ ଯୋଗଦେଇଥିଲେ। ଯଦି ସରକାରଙ୍କ ପକ୍ଷରୁ ଜନ ଶୁଣାଣି କରାଯାଏ, ତେବେ ଏହାକୁ ଘୋର ବିରୋଧ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିଲେ।

# ଆର୍‌କେ ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ଗୁଡାରି, ୧୩।୪ (ପ୍ରମୋଦ କୁମାର ପତି )

ଗୁଡାରି ରାଧାକ୍ରିଷ୍ଣା (ଆର୍‌କେ) ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସ୍ପନ୍ଦନ ୩.୦ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ସମ୍ପ୍ରସାରଣ ଅତିରିକ୍ତ ଅଧିକାରୀ ଗଙ୍ଗାଧର ବେହେରା, ଡ. ପି. ହେମା ସାଇକ୍ରୀଷ୍ଣା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପଦ୍ମନାଭ ଭୋଳ, ରାଧାକ୍ରିଷ୍ଣା ଇଂଲିଶ ମାଧମିକ ବିଦ୍ୟାଳୟର ପ୍ରିନ୍ସପାଲ ଗୌରୀ ପ୍ରସାଦ ଦାସ ମଞ୍ଚାସୀନ ଥିଲେ। ପ୍ରିନ୍ସପାଲ ରାଜେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କମିଟି ସଦସ୍ୟ ସନ୍ତୋଷ ତୁଳ, ଅନନ୍ତ ପଣ୍ଡା, ଜଗଦିଶ ପାଣିଗ୍ରାହି, ଡି. ଶିବା ଉପସ୍ଥିତ ଥିଲେ । ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ, ରାଜନେତା ଏବଂ ବରିଷ୍ଠ ନାଗରିକଙ୍କୁ ଉପଢୌକନ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

# ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମୁନିଗୁଡା,୧୩।୪ (ନନ୍ଦ କିଶୋର ପଟ୍ଟନାୟକ)

ଫୁଲବାଣୀରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ମୁନିଗୁଡା ପୋଲିସ ସୋମବାର ଚାଲାଣକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୨ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ନେଲୁର ଜିଲାର ୟନାମାଲ ଦିନେଶ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କଠାରୁ ୨୨ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ସହ ନଗଦ ୧୧୭୦ ଟଙ୍କା ଜବତ ହୋଇଛି।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ମୁନିଗୁଡା ପୋଲିସଚ ଦେଉକପୁଲି ଛକ ନିକଟରେ ଗାଡି ଯାଞ୍ଚ କରିବାସମୟରେ ବାଲିଗୁଡାରୁ ଗଞ୍ଜେଇ ଧରି ମୁନିଗୁଡା ଆସୁଥିବା ୟନାମାଲ ଦିନେଶ ପୋଲିସ ହାତରେ ଧରା ପଡିଥିଲେ। ମୁନିଗୁଡା ଥାନାରେ ଏ ନେଇ କେସ୍ ନମ୍ବର ୧୧୪/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଚଢ଼ାଉରେ ହାବିଲଦାର ଜି.ସି.ପାଳ, ବଳରାମ ବାର୍ଲିକା, କନଷ୍ଟେବଲ ସତ୍ୟନାରାୟଣ ବେହେରା ଓ ଡ୍ରାଇଭର ରମେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୩।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଅନ୍ତର୍ଗତ ଲାବାଣ୍ୟଗଡରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାବାଣ୍ୟଗଡ ଗ୍ରାମର ଅଭିମନ୍ୟୁ ପାରିଗା (୩୯)। ଅଭିମନ୍ୟୁ ଚାଷ କାମରେ ଜମିକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ତେବେ ରାତି ୧୦ଟାରେ ଜମି ପାର୍ଶ୍ୱରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ନେଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳକୁ ପଠାଯାଇଛି।

# ମେ ୮ରୁ ଗୁଣପୁର ପ୍ରିମିୟର ଲିଗ୍ ସିଜନ ୪

ଗୁଣପୁର,୧୩।୪ ( ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁରରେ ଆସନ୍ତା ମେ ୮ ତାରିଖରୁ ଗୁଣପୁର ପ୍ରିମିୟର ଲିଗ (ଜିପିଏଲ) ସିଜନ–୪ ଆରମ୍ଭ ହେବାକୁ ଯାଉଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ । ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ସୋମବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। ବୈଠକରେ ଟୁର୍ନାମେଣ୍ଟର ସମସ୍ତ ପ୍ରସ୍ତୁତି, ପରିଚାଳନା ଓ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଟୁର୍ନାମେଣ୍ଟକୁ ରାଇଜିଂ ଷ୍ଟାର୍ ସ୍ପୋର୍ଟସ ଆଣ୍ଡ ସୋସିଆଲ ସର୍ଭିସ ଆସୋସିଏଶନ ପକ୍ଷରୁ ଆୟୋଜନ କରାଯାଉଛି। ସଂଘର ସଭାପତି ଡା. ଚନ୍ଦ୍ରଧ୍ୱଜ ପଣ୍ଡା, କାର୍ଯ୍ୟକାରୀ ସଭାପତି ୱାଇ. ଗଣପତି, ସମ୍ପାଦକ କିରଣ କୁମାର ପାଣିଗ୍ରାହୀ, ଯୁକ୍ତ ସମ୍ପାଦକ ଅଂଶୁମାନ ପଟ୍ଟନାୟକ ଓ ହାଡିଆ ଶବର, ଉପାଧ୍ୟକ୍ଷ ଏସ. ବାବା ପ୍ରସାଦ ଓ ରାମ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ଅମର କୁମାର ସାହୁ, ସହାୟକ କୋଷାଧ୍ୟକ୍ଷ ସନ୍ଦୀପ କୁମାର ପାଣିଗ୍ରାହୀ ଏବଂ ପରାମର୍ଶଦାତା ଅକ୍ଷୟ ଶତପଥୀଙ୍କ ନେତୃତ୍ୱରେ ଏହି କ୍ରିକେଟ ମହୋତ୍ସବ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରରୁ ନାମୀଦାମୀ କ୍ରିକେଟ ଖେଳାଳିମାନେ ଅଂଶଗ୍ରହଣ କରିବେ। ସଂଘର ସାଧାରଣ ସଦସ୍ୟ ତ୍ରିନାଥ ଦାଶ, କୃଷ୍ଣ ମାଧବ ଦାଶ, ରାଜ କିଶୋର ଗୌଡ଼ା, ବାଙ୍ଗାରି କିଶନ ଓ ମୁଖି ଦିବାକର ଏବଂ ସହଯୋଗୀ ଭାବେ ଡମ୍ବରୁ ଗୌଡ଼ା ଓ ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଉପସ୍ଥିତ ଥିଲେ। ଏହା ମାଧ୍ୟମରେ ଅଞ୍ଚଳର ଯୁବ କ୍ରିକେଟ ଖେଳାଳିମାନେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ଅଭିଜ୍ଞ ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଇବେ ବୋଲି କୁହାଯାଇଛି।



ବୈଠକରେ ଉପସ୍ଥିତ ରାଇଜିଂ ଷ୍ଟାର୍ ସ୍ପୋର୍ଟସ ଆଣ୍ଡ ସୋସିଆଲ ସର୍ଭିସ ଆସୋସିଏସନ କର୍ମକର୍ତ୍ତା।

# ଓଡ଼ିଆ ସଂସ୍କୃତି, ପରମ୍ପରା, ପାରମ୍ପରିକ ଖାଦ୍ୟ ସବୁଠୁ ନିଆରା


ଗୁଡାରିରେ ଅତିଥିମାନେ ଖାଦ୍ୟର ମାନ ପରୀକ୍ଷା କରୁଛନ୍ତି।


ଗୁଣପୁରରେ ଝୋଟି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ**

ଗୁଡାରି/ଗୁଣପୁର, ୧୩।୪ (ପ୍ରମୋଦ କୁମାର ପତି/ସଂକେତ ପାତ୍ର)

ଓଡ଼ିଆ ପକ୍ଷ ପାଳନ ଅବସରରେ ବ୍ଲକ୍‌ସ୍ତରୀୟ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ଶବର, ଅତିରିକ୍ତ ବିଡ଼ିଓ ସୌଭାଗ୍ୟ ରଞ୍ଜନ କର, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ବାରଟି ଯୋଗେଶ୍ୱର ରାଓ, ମଧୁବନ ସରପଞ୍ଚ ବଂଶୀ ଶବର, ଅସଡା ସରପଞ୍ଚ ସୁଦାମ ଶବର, ସହକାରୀ ଯନ୍ତ୍ରୀ ସସ୍ମିତା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦର୍ଶିତ କରିଥିଲେ। ଓଡିଶାର ପାରମ୍ପରିକ ଖାଦ୍ୟରୁଚି , ସଂସ୍କୃତି, ଐତିହ୍ୟ ସହ ଜଡିତ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱ ବହନ କରିବା ସହ ସନ୍ତୁଳିତ ଓ ପୋଷଣ ଯୁକ୍ତ ଖାଦ୍ୟ ମନୁଷ୍ୟର ଶାରୀରିକ ଓ ମାନସିକ ଉନ୍ନତିରେ ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥି କହିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଦର୍ଶିତ ଖାଦ୍ୟର ସ୍ୱାଦ ଓ ମାନ ମୂଲ୍ୟାଙ୍କନ କରାଯାଇ ପୁରସ୍କୃତ କରାଯାଇଥିଲା । ହସ୍ତଶିଳ୍ପ ଏସ୍‌ଏଚ୍‌ଜି ପ୍ରଥମ, ରାଧାକୃଷ୍ଣ ଏସ୍‌ଏଚ୍‌ଜି ଦ୍ୱିତୀୟ ଓ ଅଙ୍ଗନବାଡି କର୍ମୀଙ୍କ ଦଳ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସୁପରଭାଇଜର ଅରୁନ୍ଧତୀ ଗରଡ଼ିଆ ଓ ପଦ୍ମାବତୀ ଶବରଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବିପିସି ମିଶନ ଶକ୍ତି ସୁନୀଲ କୁମାର ମିଶ୍ର ସଂଯୋଜନା କରିଥିଲେ।

ସେହିପରି ଗୁଣପୁର ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟରେ ସନ୍ଧ୍ୟାରେ ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ ଏବଂ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପାରମ୍ପରିକ ଖାଦ୍ୟ ସବୁଠୁ ନିଆରା । ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ପିଢିଙ୍କ ମନରେ ନିଜ ସଂସ୍କୃତି ପ୍ରତି ଆସକ୍ତି ବଢ଼ିବାକୁ ସେ ଗୁରୁତ୍ୱ ଦେଇଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ମହିଳା ଓ ଯୁବତୀମାନେ ଯୋଗଦେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ସମାଜରେ ଓଡ଼ିଆ ଐତିହ୍ୟକୁ ଜୀବନ୍ତ ରଖିବା ପାଇଁ ଏପରି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ରାସ୍ତାକଡ଼କୁ ଧସିଲା ବସ୍, ୨ ଆହତ



ନନ୍ଦପୁର,୧୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ଚାଲୁଥିବା ପରଜା ବଡ଼ପଡ଼ା-ନନ୍ଦପୁର ମୁଖ୍ୟମନ୍ତ୍ରୀ ବସ୍ ହିକମପୁଟ ପଞ୍ଚାୟତ ନୀଳଦୋରାପୁଟ ଗ୍ରାମ ନିକଟରେ ଭାରସ୍ୟାମ ହରାଇ ରାସ୍ତାକଡ଼କୁ ସୋମବାର ଧସେଇ ପଶିଯିବାରୁ ୨ ଜଣ ଆହତ ହୋଇଛନ୍ତି। ବସ୍‌ରେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ଜଣେ ଶିଶୁ ଓ ଜଣେ ବୃଦ୍ଧା ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ବସ ଡ୍ରାଇଭର ଅର୍ଜୁନ ଖଡାଙ୍କ ସୂଚନା ମୁତାବକ ରାସ୍ତାରେ ବସ ସମ୍ମୁଖକୁ ଏକ ଗାଇ ଆସି ଯାଇଥିଲା। ଏହାକୁ ବଞ୍ଚାଇବାକୁ ଚେଷ୍ଟା କରିବାରୁ ବସ ରାସ୍ତାକଡ଼କୁ ଧସିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବସକୁ ରାସ୍ତାକଡ଼ରୁ କଢାଯାଇଛି।

### ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ସୁନାବେଡା,୧୩।୪(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଓଡ଼ିଶାର ପ୍ରସିଦ୍ଧ ଖାଦ୍ୟଗୁଡ଼ିକ ଛାତ୍ରୀମାନେ ଆଣି ଏହାର ପ୍ରସ୍ତୁତି ପ୍ରଣାଳୀ ବ୍ୟାଖ୍ୟା କରିଥିଲେ। କଲେଜ ଅଧ୍ୟକ୍ଷା ଉଷାରାଣୀ ଦାସ ବିଭିନ୍ନ ଜିଲାର ପ୍ରସିଦ୍ଧ ଖାଦ୍ୟ ବିଷୟରେ କହିଥିଲେ। ଆମ କଲେଜ ଆମ ଗୌରବ ସଂଯୋଜିକା ଖାଦ୍ୟ ରୁଚି ନେଇ କହିଥିଲେ। ଓଡ଼ିଆ ଅଧ୍ୟାପକ ଡ. ବାସୁଦେବ ସାହୁ ସଭା ପରିଚାଳନା କରିଥିଲେ। ବିନୁ ପ୍ରଧାନ ସ୍ୱାଗତ କରିଥିଲେ। ଛାତ୍ରୀ ଅସୀମା କୁଲଦୀପ ଧନ୍ୟବାଦ ଦେଇଥିଲେ।

### ଗଡ଼ପଦର ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୩।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଗଡ଼ପଦର ଜଙ୍ଗଲରେ ସୋମବାର ଅବକାରୀ ଚଢ଼ାଉ କରାଯାଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ୧୬ ଲିଟର ପୋଚ ଓ ୧୩୦ ଲିଟର ଦେଶୀ ମଦ ଜବତ ସହ ନଷ୍ଟ କରିଥିଲେ। ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ବିଭାଗ ବହୁ ମଦ ଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ରାସ୍ତା ନିର୍ମାଣ ପାଇଁ ଆରଡି ବିଭାଗର ମାପଚୁପ

ନନ୍ଦପୁର,୧୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ସୁନାବେଡ଼ା ଆରଡି କର୍ତ୍ତୃପକ୍ଷ ନନ୍ଦପୁର ବ୍ଲକ୍ ରାଇସିଂ ପଞ୍ଚାୟତ ଏସ୍‌ମାଲିପୁଟରୁ ଦେବଷଣ୍ଢଗୁଡ଼ା ଦେଇ କସନ୍ଦି ଯାଏ ରାସ୍ତା ନିର୍ମାଣ ପାଇଁ ସୋମବାର ମାପଚୁପ କରିଛନ୍ତି। ଦେବଷଣ୍ଢଗୁଡ଼ା ଗାଁ ପାର୍ଶ୍ୱ ବାସୁକୀ ନଦୀ ଉପରେ ପୋଲ ସହ ଏହି ରାସ୍ତା ନିର୍ମାଣ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବାସକୀ ନଦୀ ଉପରେ ୬୦ ମିଟର ଲମ୍ବର ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିଥିଲା। ମାପଚୁପରେ ନନ୍ଦପୁର ଜିଲା ପରିଷଦ ୧ ସଦସ୍ୟ ବିଳାସିନୀ ନାୟକ, କାମେସ ଗୋଲରି, ଦେବଷଣ୍ଢଗୁଡ଼ା ଗ୍ରାମବାସୀ ସହାୟତା କରିଥିଲେ। କର୍ତ୍ତୃପକ୍ଷ ମାପଚୁପ କରି ଏହି ରାସ୍ତା ୪ କି.ମି. ୭ଶହ ମିଟର ବିଶିଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି। ରାସ୍ତା ନିର୍ମାଣ ହେଲେ କସନ୍ଦି ରାଇସିଂ ଓ ହିକିମପୁଟ ପଞ୍ଚାୟତବାସୀଙ୍କୁ ବ୍ଲକ ସଦର ମହକୁମା ମାତ୍ର ୧୩ କି.ମି. ଦୂର ଅତିକ୍ରମ କରିବାକୁ ପଡିବ ବୋଲି ଜିଲା ପରିଷଦ ସଦସ୍ୟା ସୂଚନା ଦେଇଛନ୍ତି।

# ପକ୍ଷୀ, ପ୍ରାଣିସମ୍ପଦଙ୍କୁ ପାଣି ମିଳିବା ଲକ୍ଷ୍ୟରେ ଖୋଳିଲେ ପୋଖରୀ

**ଚଲାଣପୁଟ ଗ୍ରାମବାସୀଙ୍କ ନିଆରା ପ୍ରୟାସ**

କୋରାପୁଟ, ୧୩।୪(ଅମିତାଭ ବେହେରା)

ଗ୍ରାମ ଉନ୍ନତି ପାଇଁ ସମୂହିକ ପ୍ରୟାସରେ କୋରାପୁଟ ଜିଲା ସେମିଳିଗୁଡ଼ା ସମିତି ରାଜପୁଟ ପଞ୍ଚାୟତ ଅଧୀନ ଚଲାଣପୁଟ ଗ୍ରାମବାସୀ ପୋଖରୀ ଖୋଳି ଉଦାହରଣ ସୃଷ୍ଟି କରିଛନ୍ତି। ଚୈତ୍ର ପର୍ବ ଅବସରରେ ଗାଁ ପାଇଁ କିଛି ଉପଯୋଗୀ କାମ କରିବା ପରମ୍ପରାକୁ ଜାରି ରଖି ଚଳିତବର୍ଷ ଗ୍ରାମବାସୀ ପୋଖରୀ ନିର୍ମାଣ କାମ ହାତେ ନେଇଛନ୍ତି। ୩ ବର୍ଷ ଧରି ଗ୍ରାମବାସୀ ସଦର ମଣ୍ଡପ, ନିଶାନି ମୁଣ୍ଡା, ପ୍ରାଚୀର ଆଦି ନିର୍ମାଣ କରିଥିଲେ। ଚଳତଥର ପଶୁପକ୍ଷୀଙ୍କ ପାଇଁ ପାଣି ସମସ୍ୟା ଦୂର କରିବା ଲକ୍ଷ୍ୟରେ ପୋଖରୀ ଖୋଳିବାକୁ ସମ୍ପ୍ରତି ଜଣାଇଛନ୍ତି। ସରପଞ୍ଚ ପୀତାମ୍ବର କିର୍ସାନୀଙ୍କ ନେତୃତ୍ୱରେ ବାରହାଣ୍ଡି ଦେବତାଙ୍କ ଘର ପାଖରେ ଗ୍ରାମବାସୀ ଏକତ୍ର ହୋଇ ଏହିକାର୍ଯ୍ୟ ଆରମ୍ଭ କରିଛନ୍ତି।



ଗ୍ରାମବାସୀ ପୋଖରୀ ଖୋଲୁଛନ୍ତି।

ପ୍ରକାଶ ଯେ, ଏହି କାମ ପାଇଁ ଗ୍ରାମବାସୀ ସରକାରୀ ସହାୟତା ନିଅନ୍ତିନାହିଁ। ଅର୍ଥ ସଂଗ୍ରହ କରି ପୋଖରୀ ଖୋଳିଆନ୍ତି। ଗାଁର ୬୫ ପରିବାରକୁ ଏହି କାମରେ ଅଂଶଗ୍ରହଣ କରିବାକୁ କୁହାଯାଇଥିଲା। ଏଥିରେ ଯୋଗ ନ ଦେବା ଲୋକଙ୍କୁ ୫ଶହ ଟଙ୍କା ଜରିମାନା ଦେବାକୁ ସର୍ତ୍ତ ରଖାଯାଇଛି। ଛୋଟରୁ ବୃଦ୍ଧ ଯାଏ ଏହି କାମରେ ନିୟୋଜିତ ହୋଇଛନ୍ତି। ପୋଖରୀ ନିର୍ମାଣ ହେଲେ ଗାଇ, ଗୋରୁ, ଛେଳି, ମେଣ୍ଢା ଓ ପକ୍ଷୀମାନଙ୍କୁ ପାଣି ମିଳିବ ବୋଲି ଗ୍ରାମବାସୀ କହିଛନ୍ତି। ୩ରୁ ୪ ଦିନ ମଧ୍ୟରେ କାମ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି। ଏ ସମ୍ପର୍କରେ ସରପଞ୍ଚ ସମିତି ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଗ୍ରାମବାସୀଙ୍କ ପ୍ରୟାସକୁ ସେମାନେ ପ୍ରଶଂସା କରି ପାଣି ଯୋଗାଇବାକୁ ଆଶ୍ୱାସନା ଦେଇଛନ୍ତି। ଗ୍ରାମବାସୀ କୋଲାବ ଜଳଭଣ୍ଡାର ନିକଟ ସୁନ୍ଦର ପରିବେଶକୁ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକାଶ କରିବାକୁ ସରକାରଙ୍କୁ ଦାବି କରିଛନ୍ତି। ଗ୍ରାମର ମହିଳାମାନେ ପ୍ରତି ରବିବାର 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ଅନୁସାରେ ଗାଁ ସଫା ରଖିଥାନ୍ତି।

# ବଜେଟକୁ ଲୋକାଭିମୁଖୀ କରାଇବା ଲକ୍ଷ୍ୟ

କୋରାପୁଟ,୧୩।୪(ଅମିତାଭ ବେହେରା)

**ଆମେ ଜାଣିବା, ଆମ ବଜେଟ କାର୍ଯ୍ୟକ୍ରମ**

କୋରାପୁଟ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଛି। ବଜେଟକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ରାଜ୍ୟର ଦୀର୍ଘମିଆଦୀ ଭିଜନ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ମୂଳଭିତ୍ତିକୁ ସୁଦୃଢ଼ କରିବ ବୋଲି କୁହାଯାଇଛି। ଏହି ବଜେଟ କେବଳ ଆୟବ୍ୟୟର ତାଲିକା ନୁହେଁ, ବରଂ ସମଗ୍ର ରାଜ୍ୟର ଉନ୍ନତି ସହ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡମ୍ୟାପ ବୋଲି ମତ ରହିଛି। କୋରାପୁଟ ଜିଲା ପାଇଁ ବ୍ରହ୍ମପୁର-ଜୟପୁର ସଂଯୋଗୀକରଣକୁ ଗୁରୁତ୍ୱ ଦେଇ ବିଶେଷ ପ୍ରକଳ୍ପ ସମ୍ମିଳିତ ହୋଇଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ବଜେଟରେ ଥିବା ନୂତନ ପଦକ୍ଷେପଗୁଡ଼ିକ ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଏମ୍‌ପି ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରଘୁରାମ ମାଛ, ବିଧାୟକ ରୁପୁ ଭତ୍ରା ଓ ଅନ୍ୟମାନେ ।

# ଜନଶୁଣାଣିରେ ୩ ଅଭିଯୋଗର ତୁରନ୍ତ ସମାଧାନ

ସୁନାବେଡା/ସେମିଳିଗୁଡ଼ା,୧୩।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ରାଜପଲମା ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଛି। ବିଡିଓ ଯଶ୍ୱିନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୋଟ ୧୫ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଏବିଡିଓ ବସନ୍ତ କୁମାର ବେହେରା, ଡବ୍ଲୁଇଓ ହରପ୍ରସାଦ ଦାସ, ବିଏସ୍‌ଏସ୍‌ଓ ଟି. ଶୁରଭି, ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନର୍ସରିରୁ ରାଜପଲମା ଆରଡି ରାସ୍ତା ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ପଞ୍ଚାୟତର ୩ ହିତାଧିକାରୀ ପିଡିଏସ ଚାଉଳ ପାଇବାରୁ ବଞ୍ଚିତ, ଗ୍ରାମାଞ୍ଚଳ ଗୃହ ନିର୍ମାଣ, ଘରଡିହ ପଟ୍ଟା ପାଇବାରୁ ବଞ୍ଚିତ, ୨ ଗ୍ରାମରେ ନଳକୂପ ମରାମତି, ନର୍ସରି ଓ ରାଜପଲମା ଅଙ୍ଗନୱାଡ଼ି କେନ୍ଦ୍ରକୁ ଲାଇଟ ସଂଯୋଗ ନ ଥିବା ଆଦି ଅଭିଯୋଗ ହୋଇଥିଲା। ଶିବିରରେ ୩ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଶିବିରରେ ରାଜସ୍ୱ ବିଭାଗ ଆରଆଇ ଓ ଆଇସିଡିଏସ୍ ସୁପରଭାଜର ଅନୁପସ୍ଥିତକୁ ନେଇ ବିଡିଓ ପ୍ରଧାନ ଅସନ୍ତୋଷ ପ୍ରକାଶ କରି ସେମାନଙ୍କୁ ତୁରନ୍ତ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନର୍ସରିରୁ ରାଜପଲାମ ରାସ୍ତାର ନିର୍ମାଣ ନେଇ ବିଡିଓ ପ୍ରଧାନଙ୍କୁ ପଚାରିବାରୁ ଏହି ରାସ୍ତା ହାଲ ପ୍ରଶାସନ ଅଧୀନରେ ରହିଛି। ଏଥିପାଇଁ ନିର୍ମାଣ ନେଇ ହାଲ ପ୍ରଶାସନକୁ ଚିଠି କରାଯିବ ବୋଲି ସେ କହିଛନ୍ତି। ସମସ୍ତ ଅଧିକାରୀ ସରକାରୀ ଯୋଜନା ଲାଭ ପାଇବା ନେଇ ହିତାଧିକାରୀଙ୍କୁ ବୁଝାଇଥିଲେ।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ବିଦ୍ୟୁତ ଖୁଣ୍ଟ ଉଚ୍ଚତା ବଢାଇବାକୁ ଦାବି

ସୁନାବେଡା/ସେମିଳିଗୁଡ଼ା,୧୩।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ରଥଯାତ୍ରା ପାଇଁ ସୁନାବେଡ଼ା ଓ ସେମିଳିଗୁଡ଼ାର ବିଭିନ୍ନ ବିଭାଗ ଏବଂ ମନ୍ଦିର ପରିଚାଳନା କମିଟି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୨୬ ନଂ ରାଜପଥର ଉଭୟ ପାର୍ଶ୍ୱର ବିଦ୍ୟୁତ୍ ଖୁଣ୍ଟର ଉଚ୍ଚତାକୁ ବଢ଼ାଇବାକୁ ଦାବି ହୋଇଛି। କାରଣ ମୁଖ୍ୟ ରାସ୍ତାରେ ରଥଟଣା ଯାଉଛି। କିନ୍ତୁ ବିଦ୍ୟୁତ୍ ବିଭାଗ ନୀରବ ବସିଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ରାସ୍ତାର ଗୋଟିଏ ପଟରୁ ଅନ୍ୟ ପଟକୁ ସଂଯୋଗ ବିଦ୍ୟୁତ୍ ତାରକୁ ବିଭାଗ ଖୋଲି ଦିଅନ୍ତି। ଏଥିଯୋଗୁ ୭ରୁ ୮ ଘଣ୍ଟା ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥାଏ। ସୁନାବେଡ଼ା ଓ ସେମିଳିଗୁଡ଼ାବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ରାସ୍ତାକଡରେ ପୋତାଯାଇଥିବା ଖୁଣ୍ଟଗୁଡ଼ିକର ଉଚ୍ଚତା ୯ ମିଟର ଓ ରଥର ଉଚ୍ଚତା ମଧ୍ୟ ସମାନ ଥିବାରୁ ଏଭଳି କରିବା ପଡ଼େ ବୋଲି ବିଭାଗର କିଛି କର୍ମଚାରୀ କହିଛନ୍ତି। ବିଦ୍ୟୁତଖୁଣ୍ଟ ଗୁଡ଼ିକର ଉଚ୍ଚତା ୧୩ ମିଟର କରାଗଲେ ସମସ୍ୟା ହେବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିପ୍ରତି ବିଭାଗ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଟାଟା ପାୱାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନଙ୍କୁ ପଚାରିବାରୁ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସେହିଦିନ ବିଦ୍ୟୁତ କାଟ ହୁଏ। କିନ୍ତୁ ବାକି ଖୁଣ୍ଟର ଉଚ୍ଚତା ବଢାଇବା ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଶିବିରରେ ୧୦ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର,୧୩।୪(ତୁଷାର କାନ୍ତ ମହାନ୍ତି)

**ଆଧାର, ଭୋଟର କାର୍ଡରେ ତାରତମ୍ୟ ନ ଥିବାରୁ ଭତ୍ତାରୁ ବଞ୍ଚିତ ଅଭିଯୋଗ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଖେମୁଣ୍ଡୁଗୁଡ଼ା ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖେମୁଣ୍ଡୁଗୁଡା ପଞ୍ଚାୟତବାସୀ ମାଳିବୁରୁଡ଼ା, ବୈରାଗୀପୁଟ ଗ୍ରାମ ଓ ଅଙ୍ଗନୱାଡ଼ି କେନ୍ଦ୍ରର ପାନୀୟ ଜଳ ସମସ୍ୟା, ବୈରାଗୀପୁଟ ରାସ୍ତା ନିର୍ମାଣ, ଗିରିଲିଗୁଡାରୁ ବାରିଆପାଖନା ଘାଟ କଟିଂ ରାସ୍ତା ନିର୍ମାଣ, କୁରୁମାପୁଟ ବାରିଆପାଖନା ଘାଟକଟିଂ ରାସ୍ତା, ମାଳି କୁମାରୀପୁଟରେ ପାଭାର ବ୍ଲକ ରାସ୍ତା, ଗୁଗାଗୁଡ଼ା ପଭାର ବ୍ଲକ ରାସ୍ତା ଆଦି ୧୦ ଅଭିଯୋଗ ରହିଥିଲା। ଆଧାରକାର୍ଡ ଓ ଭୋଟର କାର୍ଡରେ ବୟସ ତାରତମ୍ୟ ନ ଥିବାରୁ ଖେମୁଣ୍ଡୁଗୁଡା ପଞ୍ଚାୟତର ଶତାଧିକ ହିତାଧିକାରୀ ୬୦ ବର୍ଷରୁ କମ ଓ ଉର୍ଦ୍ଧ୍ୱ ବିବେଚିତ ହୋଇ ସୁଭଦ୍ରା ଯୋଜନା ଓ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ଆଧାର କରେକ୍ସନ କଲେ ସମସ୍ତେ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ଅଧିକାରୀ କହିଥିଲେ। ୫ ରୂପାନ୍ତରିତ କୁରୁମାପୁଟ ଉଚ୍ଚ ବିଦ୍ୟାଳୟରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଅଧିକାରୀଙ୍କୁ ସୂଚିତ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟର ସୋଲାର ପ୍ୟାନେଲ ପୋଡ଼ି ଯାଇଥିବାରୁ ଦୀର୍ଘଦିନ ହେବ ବିନା ବିଦ୍ୟୁତ୍‌ରେ କାର୍ଯ୍ୟାଳୟ ଚାଲୁଥିବା ଅଭିଯୋଗ ହୋଇଥିଲା। ଶିବିରରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ସରପଞ୍ଚ ତୁଳା ଖିଲ, ସମିତିସଭ୍ୟ ଗୁପ୍ତ ବଣ୍ଡା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଗୁଡିକ ପଞ୍ଜୀକୃତ କରାଯାଇଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡିଓ ଦୋରା କହିଛନ୍ତି।



ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଫୁଫୁଗାଁ ସାପ୍ତାହିକ ହାଟ ଭିତ୍ତିପ୍ରସ୍ତର ସ୍ଥାପନକୁ ବିଧାୟକଙ୍କ ବିରୋଧ

ଜୟପୁର,୧୩।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ବିଧାୟକ ତାରାପ୍ରସାଦ ବାହିନିପତି ଜୟପୁର ବ୍ଲକ ଅଧୀନ ଫୁଫୁଗାଁ ସାପ୍ତାହିକ ହାଟ ଭିତ୍ତିପ୍ରସ୍ତର ସ୍ଥାପନକୁ ସୋମବାର ବିରୋଧ କରିଛନ୍ତି। ସାପ୍ତାହିକ ହାଟ ନିର୍ମାଣ ନେଇ ୬।୪।୨୬ରେ ଭିତ୍ତିପ୍ରସ୍ତର ଦିଆଯାଇଛି। କିନ୍ତୁ ଏହି ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ନିମନ୍ତ୍ରଣ ଦିଆଯାଇ ନ ଥିଲା। ଫଳକରେ ନାମ ମଧ୍ୟ ନଥିଲା। ଭାଜପା ସରକାର ଗୋ ସୁରକ୍ଷା ଦେବା କଥା କହୁଥିବା ବେଳେ ଗୋ ଚାଲାଣକୁ ପ୍ରୋତ୍ସାହନ ଦେଉଥିବା ବିଧାୟକ ବାହିନୀପତି ଅଭିଯୋଗ ଆଣିଛନ୍ତି। ଫୁଫୁଗାରେ ଗାଇ ସଂଗ୍ରହ କରି ଆଣାଯାଇ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରାଯାଉଛି। ସରକାରୀଙ୍କ ଏକ ଜମିରେ ଏହି କାର୍ଯ୍ୟ ବେଳେ ପୋଲିସ ଓ ତହସିଲଦାର ଚଢାଉ କରିଥିଲେ। କେତେକ ଗୋ ଚାଲାଣ ଭାଜପା ନେତା ମନ୍ତ୍ରୀଙ୍କଠାରୁ ଚାପ ପକାଇ ଜୟନ୍ତିଗିରି ହାଟକୁ ପଞ୍ଚାୟତ ଅଧୀନକୁ ନେଇଥିଲେ। ଜୟନ୍ତିଗିରି ଅଧୀନ ଫୁଫୁଗାଁ ହାଟ ପାଇଁ ସରକାରୀ ଜମି ଆବେଦନ କରିଛନ୍ତି। ଜିଲା ପ୍ରଶାସନ ଜମି ଦେଲେ ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି। ଏ ନେଇ ବିଧାନସଭାରେ ପ୍ରଶ୍ନ ପଚରାଯିବ। ତୁରନ୍ତ ଏହି ହାଟକୁ ବନ୍ଦ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି। ଏଥିପାଇଁ ପ୍ରଶାସନ ଦାୟୀ ରହିବ ସେ ଉଲ୍ଲେଖ କରିଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ନିହାର ବିଷୋୟୀ, ଭବାନି ରଥ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ଓ କଂଗ୍ରେସ କର୍ମୀମାନେ।

## ଭାଜପାରେ ମିଶିଲେ ଶତାଧିକ ବିଜେଡି, କଂଗ୍ରେସ କର୍ମୀ

କୋରାପୁଟ,୧୩।୪(ଅମିତାଭ ବେହେରା)

କୋରାପୁଟ ଜିଲା ଲମତାପୁଟ ବ୍ଲକ ପେଟା ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ସ୍ଥାନୀୟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ଭାଜପାରେ ସୋମବାର ଯୋଗଦେଇଛନ୍ତି। ପେଟା ଗ୍ରାମରେ ମିଶ୍ରଣ ପର୍ବରେ ବିଧାୟକ ମାଛ ବିଜେଡି, କଂଗ୍ରେସର ଶତାଧିକ ନେତା ଓ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଭାଜପା ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ କାର୍ଯ୍ୟକ୍ରମ

ଜୟପୁର,୧୩।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବାରିଣିପୁଟ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସମଗ୍ର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ଶିକ୍ଷାଦାନ ଦିଆଯାଇପାରିବା ନେଇ ଜ୍ୟୋତି ଶଙ୍କର ତ୍ରିପାଠୀ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବାରିଣିପୁଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ଓ ଆର୍.ସବିତା ପରିଚାଳନା କରିଥିଲେ। ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ପାରମ୍ପରିକ ଖାଦ୍ୟ ଦିବସ ପାଳିତ

ବୋରିଗୁମ୍ମା, ୧୩।୪ (ବିଜୟନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ପରିସରରେ ଓଡିଶା ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ତଥା ଆମ ରୁଚି, ଆମ ଖାଦ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବ୍ଲକ ପରିସରରେ ମାଣ୍ଡିଆରୁ ପ୍ରସ୍ତୁତ ପୋଡପିଠା, ଆରିସା, ସୁପ ସହ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଇଥଲା। ଖାଦ୍ୟକୁ ବିଡିଓ, ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଓ ଅନ୍ୟ କର୍ମଚାରୀ ଖାଇଥିଲେ। ଆମ ସଂସ୍କୃତି, ପରମ୍ପରା ଏବଂ ଓଡ଼ିଆ ଅସ୍ମିତା, ଆମ ଭିତରେ ଏକତା ସୃଷ୍ଟି କରିବା ଓଡ଼ିଆ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଡିଓ କହିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ମାଧୁରୀ ଆଚାରୀ, ଏଇଇ ପ୍ରକାଶ ପ୍ରଧାନ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା, ବିପିସି ଶ୍ୱାତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ପ୍ରଦର୍ଶିତ ଖାଦ୍ୟ ଖାଉଛନ୍ତି।

# ସିନ୍ଧିପୁଟ ପୋଲ ନିର୍ମାଣରେ ପଡ଼ିଛି ୫୦ ହଜାର ଘନମିଟର ମାଟି

ନନ୍ଦପୁର,୧୩।୪(ତୁଷାର କାନ୍ତ ମହାନ୍ତି)

**କୋଲାବ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚିଠି, ମାଟି ହଟାଇବାକୁ ଉଲ୍ଲେଖ**

କୋରାପୁଟ ଜିଲା ନନ୍ଦପୁର ଓ ଲମତାପୁଟ ବ୍ଲକ ସଂଯୋଗୀ କରଣ ନେଇ ନିର୍ମାଣ କରାଯାଉଥିବା ସିନ୍ଧିପୁଟ ପୋଲ ଯୋଗୁ କୋଲାବ ଜଳଭଣ୍ଡାର ପୋତି ହେଉଛି। ନିର୍ମାଣକାରୀ ସଂସ୍ଥା ଆର ଆଣ୍ଡ ବି ପୋଲର ପିଲର ନିର୍ମାଣ ପାଇଁ ଜଳଭଣ୍ଡାର ଭିତରେ ୫୦ ହଜାର ଘନମିଟରରୁ ଉର୍ଦ୍ଧ୍ୱ ମାଟି ପକାଇ ଜଳଭଣ୍ଡାରକୁ ୨ ଭାଗରେ ବିଭକ୍ତ କରିଛି। ଉକ୍ତ ମାଟି ଜମାଟରୁ ଅଧିକାଂଶ ମାଟି ଜଳସ୍ରୋତରେ ଧୋଇ ଜଳଭଣ୍ଡାରରେ ଜମିର ଗଭୀରତା କମୁଛି। ଏହା ଜଳଭଣ୍ଡାର ସହ ସ୍ଥାନୀୟ ପରିବେଶକୁ ପ୍ରଭାବିତ କରିବ ବୋଲି କୋଲାବ ଜଳଭଣ୍ଡାର ସର୍ବୋଚ୍ଚ ଯନ୍ତ୍ରୀ କରୁଣା ସାଗର ବେହେରା ସିନ୍ଧିପୁଟ ପୋଲ ନିର୍ମାଣସ୍ଥଳ ପରିଦର୍ଶନ ପରେ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ସେ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୫୦ରେ କୋରାପୁଟ ଡିଭିଜନ ଆରଆଣ୍ଡବି ସର୍ବୋଚ୍ଚ ଯନ୍ତ୍ରୀ, ଇନ୍ଦ୍ରାବତୀ କୋଲାବ ଚିଫ ଇଞ୍ଜିନିୟର ତଥା ବାସିନ ମ୍ୟାନେଜର ଓ କୋରାପୁଟ ଜିଲାପାଳଙ୍କୁ ପତ୍ର ଲେଖି ବିନା ଅନୁମତିରେ ଜଳଭଣ୍ଡାର ମଧ୍ୟରେ ମାଟି ଜମା କରି ପାଚେରୀ ସୃଷ୍ଟି କରାଯାଇଛି। ତୁରନ୍ତ ଜଳଭଣ୍ଡାର ମଧ୍ୟରୁ ଜମା ମାଟିକୁ ହଟାଇବା ବ୍ୟବସ୍ଥା କରିବାକୁ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆରଆଣ୍ଡବି କର୍ତ୍ତୃପକ୍ଷ ଏସ୍‌ଡିଓ ଶରତ ପାତ୍ରଙ୍କୁ ପଚାରିବାରୁ ସିନ୍ଧିପୁଟ ପୋଲ ନିର୍ମାଣ ବେଳେ ସେଣ୍ଟ୍ରିଂ କାର୍ଯ୍ୟ ପାଇଁ ଜମା ମାଟିକୁ ବ୍ରିଜ ନିର୍ମାଣ ପରେ ହଟାଇ ଦିଆଯିବ ବୋଲି କହିଛନ୍ତି। ନାଲକୋର ଡୁମୁରିପୁଟରେ ଓ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ନାରାୟଣପାଟଣାରେ ସମାନ ଢଙ୍ଗରେ ନିର୍ମାଣ କାର୍ଯ୍ୟ କରାଯାଇ ଜଳଭଣ୍ଡାରକୁ ନଷ୍ଟ କରାଯାଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ୫୦ ହଜାର ଘନମିଟର ମାଟି ପଡିଥିବା ଆକଳନ କରିଛନ୍ତି। ୨୦୨୩ରେ ନିର୍ମାଣ ସିନ୍ଧିପୁଟ ବ୍ରିଜରେ କେତେ ମାଟି ପଡ଼ିଥିବ ଓ ବର୍ଷା ଜଳ ପ୍ରବାହରେ ଜଳଭଣ୍ଡାରର କେତେ ଅଂଶ ପୋତି ହୋଇଥିବ ଆକଳନ କରିବା କଠିନ ବୋଲି ଇଣ୍ଟାକ ସଦସ୍ୟ ତଥା ପରିବେଶବିତ ସୁନୀଲ କୁମାର ବିଶ୍ୱାଳ କହିଛନ୍ତି। କର୍ତ୍ତୃପକ୍ଷ ଜିଲାର ବିଭିନ୍ନ ଜଳଭଣ୍ଡାର ଉପର ଦେଇ କରାଯାଉଥିବା ନିର୍ମାଣସ୍ଥଳ ବୁଲି କାର୍ଯ୍ୟରେ ବ୍ୟବହୃତ ମାଟି ବାବଦକୁ ରୟାଲଟି ଆଦାୟର ତଦାରଖ କରିବାକୁ ଅନୁରୋଧ କରିଛନ୍ତି। ସମାଜସେବୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ର ବେଆଇନ ନିର୍ମାଣକୁ ନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଆର ଆଣ୍ଡ ବି ସଚିବ, ଜିଲାପାଳ ଓ ଉପଜିଲାପାଳଙ୍କୁ ଚିଠି ଲେଖି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅନୁରୋଧ କରିଛନ୍ତି।



Office of the Superintending Engineer
U.K.Head Works Division,Kolabnagar(K), Pin- 764011
Phone/ Fax- 06852-259005 / email- seukhwdivision@gmail.com

No......1350......./Dated.......26-3-2026.......

To
The Superintending Engineer,
R&B Division,
Koraput, Dist-Koraput.

Sub.:- Reg. huge dumping of earth inside the Kolab reservoir at the new bridge construction site near Sindhiput ghat on Lamptaput - Nandapur road under Lamataput Block.

Sir,

The undersigned has inspected the bridge construction site at Sindhiput ghat on Lamptaput-Nandapur road under Lamataput Block. It has been noticed that huge quantity of earth has been dumped inside the reservoir water without any intimation to this office. The approximate quantity of the earth dumped inside reservoir area as per our calculations may be around 50,000 Cum.

Further, in this connection it is seen that the filled up earth slips continuously into reservoir water by making unwanted siltation in the reservoir bed. This type of manmade siltation should have been avoided by making proper planning for the cross bund inside water, which can be removed safely after completion of the work.

Therefore, it is requested to take suitable measures immediately to remove the earthen bund and dredging the entire area for removal of the silt deposited due to your constructional activities as the matter involves very sensitive issue with regard to dam safety.

Your early action in this regard is highly desired.

Yours faithfully,
Superintending Engineer
U.K.Head Works Division,Kolabnagar

Memo.......1351 (2)......./Dated.......26-3-2026.......
Copy submittedto Chief Engineer & Basin Manager, Indravati Kolab Basin, Jeypore/ Additional Chief Engineer, Upper Kolab Project, Bariniput for favour of kind information and necessary action.
Superintending Engineer
U.K.Head Works Division,Kolabnagar

Memo.......1352......./Dated.......26-3-2026.
Copy submitted to Collector & District Magistrate, Koraput, Dist- Koraput for favour of kind information and necessary action.
Superintending Engineer
U.K.Head Works Division,Kolabnagar

Memo.......1353......./Dated.......26-3-2026.
Copy submitted to Chief Construction Engineer, Roads & Building Circle, Jeypore for favour of kind information and necessary action.
Superintending Engineer
U.K.Head Works Division,Kolabnagar

ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚିଠି।

## ସାହେବ ଖିଲ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି

କୋରାପୁଟ,୧୩।୪ (ଅମିତାଭ ବେହେରା)



ସାହେବ ଖିଲ

ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର କୋରାପୁଟ ଜିଲା ସଭାପତି ଭାବେ ସାହେବ ଖିଲଙ୍କୁ ଚୟନ କରାଯାଇଛି। ସେ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାହେବ ଭାଜପାରେ ବହୁ ବର୍ଷ ଧରି ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଦଳକୁ ଆଗକୁ ନେବାକୁ ସେ ତତ୍ପରତା ଦେଖାନ୍ତି। ଆଗକୁ ଦଳକୁ ମଜବୁତ କରି ଲୋକମାନଙ୍କ ସମସ୍ୟା ସମାଧାନ କରିବା ଦିଗରେ ଚେଷ୍ଟା ଜାରି ରଖିବି ବୋଲି ସେ କହିଛନ୍ତି।

# ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ବାରଣ

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ନବରଙ୍ଗପୁର,୧୩।୪(ସଦାଶିବ ପ୍ରହରାଜ)



ନବରଙ୍ଗପୁର ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି ।

୧୪ ତାରିଖ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ହିନ୍ଦୁ ଏକତା ବାହିନୀ ପକ୍ଷରୁ ନବରଙ୍ଗପୁରରେ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରିବାକୁ ବାରଣ କରାଯାଇଛି। ଲୋକେ ଧନୁ, ତୀର, ଖଣ୍ଡା, କାତି ଓ ବାଲା ଆଦି ପ୍ରଦର୍ଶନ କରିବେ ନାହିଁ। ନିଆଁ ଆଦି ପ୍ରଦର୍ଶନ ଲଗାଯାଇପାରିବ ନାହିଁ । ରାସ୍ତାକଡ଼ର ଦୋକାନୀମାନେ ଦୋକାନ ଆଗକୁ ସାମଗ୍ରୀ ରଖିବେ ନାହିଁ । ଜନସାଧାରଣଙ୍କ ଯାତାୟାତ ସୁବିଧା ଦୃଷ୍ଟିକୋଣରୁ ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ପାଳନ କରିବାକୁ ଡାକବାଜି ଯନ୍ତ୍ର ଦ୍ୱାରା ନବରଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ସହରରେ ପ୍ରଚାର କରାଯାଇଛି । ଏଥିସହ ନବରଙ୍ଗପୁର ସହରରେ ସୋମବାର ପୋଲିସ ବିଭାଗ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ସଚେତନ କରାଯାଇଛି ।

## ଦୁଇ ବାଇକ୍ ମୁହାଁମୁହିଁ, ୨ ମୃତ

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡା)

### ୫ ବର୍ଷର ଶିଶୁ ଗୁରୁତର

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିପଦର ଗ୍ରାମର ଦେଶୀମଦ ଭାଟି ନିକଟରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଜଣେ ୫ ବର୍ଷର ଶିଶୁ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ନୂଆଗୁଡା ଗ୍ରାମର ନାଡୁ ଗୌଡ (୩୩) ଓ ମାନିଗାଁ ଗ୍ରାମର ପୁରନ ଜାନୀ (୩୦) ।

ଡାବୁଗାଁ ବ୍ଲକ୍ ନୂଆଗୁଡା ଗ୍ରାମର ନାଡୁ ଓ ତାଙ୍କ ୫ ବର୍ଷର ଶିଶୁପୁତ୍ର ମଙ୍ଗଳଦାସ ଗୌଡ (୫) ବାଇକ୍ ନଂ (ଓଡି ୨୪ ଡି ୦୨୭୦) ଯୋଗେ ରାତ୍ରି ପ୍ରାୟ ୭ଟାରେ ଶ୍ୱଶୁର ଘରୁକୁ ଯାଉଥିଲେ। ବିପରୀତ ଦିଗରୁ ମାନିଗାଁ ଗ୍ରାମର ପୁରନ ବାଇକ୍ ନଂ (ଓଡି ୨୪ ଏ ୬୯୭୨) ଯୋଗେ ଡାବୁଗାଁ ଅଭିମୁଖେ ଫେରୁଥିବାବେଳେ ବୋରିପଦର ଗ୍ରାମର ଦେଶୀମଦ ଭାଟି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଖବରପାଇ ଡାବୁଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାଡୁ ଓ ପୁରନଙ୍କୁ ମୃତ ଘୋଷଣା କରିଥିଲେ । ନାଡୁଙ୍କ ପୁଅ ମଙ୍ଗଳଦାସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

## 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ନବରଙ୍ଗପୁର,୧୩।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେତା ସମ୍ମିଳନୀ ସଭାଗୃହରେ ସୋମବାର ନାରୀ ଶକ୍ତି ବନ୍ଦନ ସମ୍ମେଳନ ଅବସରରେ ବିଜ୍ଞାନ ଭବନ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଓ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ ଡ. ମଳୟ ତ୍ରିପାଠୀ, ଡିଆଇପିଆର୍‌ଓ ମନୋଜ ବେହେରା, ଏଡିଇଓ ସୁପ୍ରିୟା ନାୟକ, ସମାଜ କଲ୍ୟାଣ ବିଭାଗ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନକରି ନାରୀ ସଶକ୍ତୀକରଣ ଓ ଦେଶ ଗଠନରେ ମହିଳାଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ।

## ୧୫ ଅଭିଯୋଗ ଶୁଣିଲେ ଜିଲାପାଳ ଓ ଏସ୍‌ପି

ନବରଙ୍ଗପୁର,୧୩।୪(ସଦାଶିବ ପ୍ରହରାଜ)

ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୫ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୯ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ଅଭିଯୋଗ ରହିଥିଲା। ଏହି ଅବସରରେ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ।



ଜିଲାପାଳ,ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

## ବ୍ଲକ୍ ଆଦିବାସୀ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଆଦିବାସୀ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଦିବାସୀ ଉନ୍ନୟନ ସଂସ୍ଥାରୁ ୮୦ ଲକ୍ଷ ଅର୍ଥ ବ୍ୟୟରେ ବ୍ଲକ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝି, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂ ଭତ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝି ଓ ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଡାବୁଗାଁ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ଉପସଭାପତି ନରସିଂ ମାଝି, ଡାବୁଗାଁ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ସଭାପତି ମୋହନ ସିଂ ଗଣ୍ଡ ଓ ଉପସଭାପତି ଫୁଲସିଂ ଜାନୀ,ବିଭିନ୍ନ ସମାଜର ଉପସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସହ ଉପସ୍ଥିତ ଅତିଥି।

## ମା' ବନଦୁର୍ଗା ଏଜେନ୍ସି ତରଫରୁ ୫ କିଗ୍ରା,୨ କିଗ୍ରା ଗ୍ୟାସ୍ ବିକ୍ରି

ପାପଡାହାଣ୍ଡି, ୧୩।୪ (ସ୍ୱପ୍ନଜିତ ପଟ୍ଟନାୟକ)



ଗ୍ୟାସ ବଣ୍ଟନ କରାଯାଉଛି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ବିଭିନ୍ନ ସ୍ଥାନରେ ଗ୍ୟାସ୍ ସଙ୍କଟ ଦେଖାଦେଇଛି । ନବରଙ୍ଗପୁର ଗ୍ରାମାଞ୍ଚଳରେ ଗ୍ରାହକଙ୍କୁ ଗ୍ୟାସ ପାଇଁ ୪୫ ଦିନ ଅପେକ୍ଷା କରିବାକୁ ପଡୁଛି। ପାପଡାହାଣ୍ଡିରେ ମା' ବନଦୁର୍ଗା ଏଚ୍‌ପି ଗ୍ୟାସ୍ ଏଜେନ୍ସି ତରଫରୁ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶ୍ରମିକଙ୍କ ପାଇଁ ଛୋଟ ୫ କିଗ୍ରା ଏବଂ ୨ କିଗ୍ରାର ଟାଙ୍କିରେ ଗ୍ୟାସ ଯୋଗାଣର ଶୁଭାରମ୍ଭ ହୋଇଛି। ଛାତ୍ରୀଛାତ୍ର ସେମାନଙ୍କ ଅନୁଷ୍ଠାନର ପରିଚୟ ପତ୍ର, ଶ୍ରମିକ ଶ୍ରେଣୀର ଲୋକଙ୍କୁ ସେମାନଙ୍କ ଶ୍ରମିକ ପରିଚୟପତ୍ର ଏବଂ ଅନ୍ୟମାନେ ପାନକାର୍ଡ, ଭୋଟର ପରିଚୟ ପତ୍ର ଦ୍ୱାରା ଗ୍ୟାସ୍ ଫିଲଅପ୍ କରି ନେଇପାରିବେ । ଏହାର ୫ କିଗ୍ରାର ଦାମ ନୂଆ ଟାଙ୍କି ସହିତ ୧୫୫୦ ଟଙ୍କା ଏବଂ ପୁନଃଭର୍ତି ପାଇଁ ୬୨୦ ଟଙ୍କା । ସେହିପରି ୨ କିଗ୍ରା ନୂଆ ଭର୍ତି ଟାଙ୍କି ପାଇଁ ୯୨୦ ଟଙ୍କା ଏବଂ ପୁନଃଭର୍ତି ପାଇଁ ୨୬୦ ଟଙ୍କା ରହିଥିବା ବେଳେ ଏହାର ପ୍ରଚାର ଏବଂ ବିକ୍ରି ପାଇଁ ପାପଡାହାଣ୍ଡି ଗ୍ୟାସ୍ ଅଫିସ ଏବଂ ବସଷ୍ଟାଣ୍ଡ ନିକଟରେ ଅସ୍ଥାୟୀ ଭାବେ ବିକ୍ରୟ ଆରମ୍ଭ ହୋଇଛି ।

## ବରପୁତ୍ର ବନ୍ଦନା, ରକ୍ତଦାନ ଶିବିର

ତେନ୍ତୁଲିଖୁଣ୍ଟି,୧୩।୪ (ଚିଦାନନ୍ଦ ସାହୁ)

ଓଡ଼ିଆ ପକ୍ଷ ପାଳନ ଅବସରରେ ତେନ୍ତୁଲିଖୁଣ୍ଟି ବ୍ଲକ ନୋଡାଲ ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବରପୁତ୍ର ବନ୍ଦନା କାର୍ଯ୍ୟକ୍ରମ ସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ମନୋଜ ପାଣିଗ୍ରାହୀ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ସ୍ଥାପିତ ହୋଇଥିବା ମହାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ ଭତ୍ରା, ଶାରୀରିକ ଶିକ୍ଷକ ମନୋଜ ପୂଜାରୀ, ପଦୁ ସିଂ ହିଆଲ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗୋପାଳକୃଷ୍ଣ ନାୟକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବିଡ଼ିଓ, ଡା. ସମଲାଇ ପ୍ରସାଦ ପଣ୍ଡା, ଡା.ଅମରେଶ ମହାନ୍ତି, ଡା. ସୌମ୍ୟରଞ୍ଜନ ଦାସ, ଡା. କିଶନ କୁମାର ଦାସ, ଗୋପାଳ କୃଷ୍ଣ ନାୟକଙ୍କ ସହ ବହୁ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ ।




## ସମସ୍ତ ହୋଟେଲରେ ଓଡ଼ିଆ ଖାଦ୍ୟ ପରଶିବା ପ୍ରୟାସ

ଜୟପୁର,୧୩।୪(ପବନ ପାଣିଗ୍ରାହୀ)

ଓଡ଼ିଆ ପକ୍ଷ ଅବସରରେ ଜୟପୁର ବ୍ଲକ ପକ୍ଷରୁ ସହରର ସମସ୍ତ ହୋଟେଲରେ ଓଡ଼ିଆ ଖାଦ୍ୟ ପରଷିବା ପାଇଁ ବ୍ଲକ ମିଶନଶକ୍ତି କାଫେରେ ଆମ ରୁଚିଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଶକ୍ତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ପାରମ୍ପରିକ ଖାଦ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପି.ଏ ଆଇଟିଡିଏ ତୃପ୍ତି ବରେଇ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ସିଡିପିଓ କାଞ୍ଚନ ପଣ୍ଡା ଯୋଗଦେଇଥିଲେ। ଖାଦ୍ୟ ପ୍ରଦର୍ଶନୀରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଆଗାମୀ ଦିନରେ ମହିଳାମାନେ ହୋଟେଲ ଗୁଡିକରେ ଏହି ଖାଦ୍ୟ ପରଷିବା ପାଇଁ ସଚେତନ କରାଇବେ ବୋଲି ବିଡିଓ ମହାପାତ୍ର କହିଛନ୍ତି।

## ଉଷ୍ ପର୍ବ ପାଳିତ

ନାରାୟଣପାଟଣା,୧୩।୪(ରାଜକିଶୋର ଜେନା)

ନାରାୟଣପାଟଣା ବ୍ଲକରେ ମୁସଲିମ୍ ସମ୍ପ୍ରଦାୟର ଲୋକେ ଉଷ ପର୍ବ ପାଳନ କରିଛନ୍ତି। ବାବାଙ୍କ ସମାଧିରେ ଚାଦର ଚଢ଼ାଇଛନ୍ତି। ନାରାୟଣପାଟଣା ପାଲାପୁଟ ନିକଟ ଝଞ୍ଜାବତୀ ନଦୀକୂଳର ବାବା ସୟଦ ସେରଇ ଅଲ୍ଲୀ ମଦିନାଙ୍କ ପୀଠରେ ପର୍ବ ହୋଇଥିଲା। ଜୟପୁରର ସୁନ୍ନି ମୁସଲିମ ଆଞ୍ଜୁମାନ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଲକ୍ଷ୍ମୀପୁର ଏସଡିପିଓ ମନୋଜ କୁମାର ବେହେରା ନେତୃତ୍ୱରେ ଆଇଆଇସି ମମତା ପଣ୍ଡା, ଏସଆଇ ନରସିଂହ ପାଢ଼ୀ ଉପସ୍ଥିତ ଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ, ମିଶ୍ରଣ ପର୍ବ



ନୂତନ କର୍ମକର୍ତ୍ତାଙ୍କ ସହ କଂଗ୍ରେସ ନେତା ।

କୋଡ଼ିଙ୍ଗା,୧୩।୪ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ମାଝୀଧୋନୁଆ ପଞ୍ଚାୟତ ଅନ୍ତର୍ଗତ ସରାଳଧନୁଆ ଗ୍ରାମଠାରେ ଜିଲା କଂଗ୍ରେସ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଏବଂ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଛି।ଏହି ଅବସରରେ ବହୁ ବିଜେଡି ନେତା ଦଳ ଛାଡି ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ।

ଉକ୍ତ ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଜିଲା କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, କୋଷାଗୁମୁଡା ବ୍ଲକ କଂଗ୍ରେସ ସଭାପତି ପଦ୍ମସାଇ ମାଳି, ଯୁବ କଂଗ୍ରେସ ସଭାପତି ଧନୁର୍ଜୟ ବିଶୋଇ, ସ୍ଥାନୀୟ ସରପଞ୍ଚ ଦୟାରାମ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନ ପରିସ୍ଥିତି ରେ କଂଗ୍ରେସର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିଥିଲେ। ଏ ଅଞ୍ଚଳ କଂଗ୍ରେସର ଅଭେଦ୍ୟ ଦୁର୍ଗ ଥିଲା। ତାକୁ ଆମକୁ ଫେରାଇ ଆଣିବାକୁ ପଡିବ ବୋଲି ପୂର୍ବତନ ବିଧାୟକ ଭୁଜବଳ ମାଝି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଆଉଁଳି ଗ୍ରାମର କମଳ ଲୋଚନ ପୂଜାରୀ, ଅର୍ଜୁନ ଭତରା, ନାରାୟଣ ସିଂ ଧାକୋଡ଼ , ମାୟାରାମ ବିଷୋୟୀ, ଖଗପତି ରନ୍ଧାରୀ, କେମରାଜ ନାୟକ,ସରାଳଧନୁଆ ଗ୍ରାମର ପର୍ଶୁ ମାଝୀ, ଧନର ଭତରାଙ୍କ ସମେତ ଶତାଧିକ କର୍ମକର୍ତ୍ତା ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଥିଲେ। ଦଳରେ ନୂତନ ଭାବେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ କଂଗ୍ରେସ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ଦଳକୁ ସ୍ୱାଗତ କରିବା ସହିତ ଦଳର ନୀତିନିୟମ ମାନି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶିତ

### ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'

ନବରଙ୍ଗପୁର/ଡାବୁଗାଁ/ ପାପଡାହାଣ୍ଡି, ୧୩।୪(ସଦାଶିବ ପ୍ରହରାଜ/ ପ୍ରଜ୍ଞାରଞ୍ଜନ ପରିଡା/ ସ୍ୱପ୍ନଜିତ ପଟ୍ଟନାୟକ)

ଜିଲା ପ୍ରଶାସନ ତରଫରୁ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସତନ୍ତ୍ର କାର୍ଯ୍ୟକ୍ରମ 'ଆମ ରୁଚି ଆମ ଖାଦ୍ୟ' ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ୩୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ହାତରେ ପ୍ରସ୍ତୁତ ପାରମ୍ପରିକ ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। ବିଶେଷ କରି ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିକେଏସ୍ଏସ୍ ଦ୍ୱାରା ପରିବେଷିତ ପଥପ୍ରାନ୍ତ ନାଟକ ସମସ୍ତଙ୍କ ମନ ଜିଣିଥିଲା। ଶେଷରେ ତେନ୍ତୁଲିଖୁଣ୍ଟି ମା' ମାଣିକେଶ୍ୱରୀ ଏସ୍‌ଏସ୍‌ଜିର ଏଲ. ବିଜୟା ପ୍ରଥମ, ନବରଙ୍ଗପୁର ସୁକନ୍ୟା ଏସ୍‌ଏଚଜିର ରୀତାରାଣୀ ଭିଙ୍ଗୋ ଦ୍ୱିତୀୟ ଏବଂ ପାପଡାହାଣ୍ଡି ସେମଳା ଏସ୍‌ଏଚଜିର ଭାଗ୍ୟବତୀ ବାହୁକା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ପାରମ୍ପରିକ ଖାଦ୍ୟ ଦିବସରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ମହିଳାଙ୍କ ଦ୍ୱାରା ଝୋଟି ଓ ହୁଳହୁଳି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୫ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମା' ବୈଷ୍ଣବୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରି ୧୦୦୦ ଟଙ୍କା ସହ ମାନପତ୍ର ଓ ଅନ୍ୟ ୧୪ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦୦ ଟଙ୍କା ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବିଡିଓ ସମୀର ପାତ୍ର, ତହସିଲଦାର ଗୀତା ମୁର୍ମୁ, ସିଡିପିଓ ମିନତୀ ଦାଶ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ସମସ୍ତ ଅଙ୍ଗନୱାଡି କର୍ମୀ, ଏମ୍‌ବିକେ ଓ ସିଆରପିମାନେ ଯୋଗ ଦେଇଥିଲେ।

ପାପଡାହାଣ୍ଡି ଶିଶୁ ବିକାଶ ପ୍ରକଳ୍ପ ସଭା ଗୃହ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦ଟି ଏସ୍‌ଏଚଜି ଯୋଗଦେଇ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉପାଧ୍ୟକ୍ଷ ଶୁଶାନ୍ତ କୁମାର ବେହେରା, ଏମ.ପିଙ୍କ ପ୍ରତିନିଧି ସୋମନାଥ ପୂଜାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳ ଦେବ ସାହୁ ପ୍ରମୁଖ ଯୋଗଦେଇ ପ୍ରଦର୍ଶିତ ଖାଦ୍ୟ ଖାଇଥିଲେ। ସେମାନଙ୍କ ମଧ୍ୟରେ ମା' ଖମେଶ୍ୱରୀ ପ୍ରଥମ, ପାପଡାହାଣ୍ଡି ସଦିଆ ମାତା ଦ୍ୱିତୀୟ ଓ ମହିମା ଏସ୍‌ଏଚଜି ତୃତୀୟ ହୋଇଥିଲେ। ଅତିଥିମାନେ କୃତୀ ଏସ୍‌ଏଜିଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜିତ ଝୋଟି ପ୍ରତିଯୋଗିତାରେ ୧୩ଜଣ ଅଂଶ ଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ପୁରସ୍କୃତ କରାଯାଇଥିଲା।



ନବରଙ୍ଗପୁରରେ ଅତିଥିମାନେ ଖାଦ୍ୟ ମେଳା ବୁଲି ଦେଖୁଛନ୍ତି ।



ଡାବୁଗାଁରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

